# -: Divine truth :-

The Mother Book ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରହସ୍ୟ ହେଉଛି :- ସାମଗ୍ରିକ ଗତିଶୀଳ ଦିବ୍ୟ ରୂପାନ୍ତର ।

Even the body will awake and unite at last its consciousness subliminal nolonger to the supramental superconscious force, feel all her powers permeating from above and below and around it and thrill to a supreme love and Ananda.

ଅର୍ଥାତ୍ :- ଏପରିକି ଶରୀରରେ ଜାଗ୍ରତ ହେବ ଏବଂ ଶରୀରର ଚେତନା ଆଉ ସୂକ୍ଷ୍ମ ଶରୀର ଭିତରେ ବନ୍ଦି ହୋଇ ରହିବ ନାହିଁ ତାହାର କାରଣ ଶରୀର ମଧ୍ୟରେ ଥିବା ଅତିମାନସ ଲୋକୋତ୍ତର ଚୈତନ୍ୟମାନଙ୍କ ଶକ୍ତି ସଙ୍ଗେ ତାହା ଯୁକ୍ତ ହେବ, ଅନୁଭବ କରିବ ଯେ ସେହି ଅତିମାନସ ଶକ୍ତିର ପ୍ରବାହ ଉର୍ଦ୍ଧ୍ୱରୁ, ଅଧଃରୁ, ଚାରିଦିଗରୁ ତାହା ମଧ୍ୟରେ ଅନୁପ୍ରବେଶ କରୁଛି, ଏକ ପରମ ପ୍ରେମ ଓ ଆନନ୍ଦରେ ସେ ପୁଲକିତ ହେଉଛି ।

The Mother Book ରେ ଶ୍ରୀଅରବିନ୍ଦ ଯେଉଁ ଦିବ୍ୟଜନନୀଙ୍କର ବର୍ଣ୍ଣନା କରିଛନ୍ତି ସେ ହେଲେ ଅତିମାନସ ଓ ଚେତଜଗତ ମଧ୍ୟରେ ଯେଉଁ ଆଧ୍ୟାତ୍ମିକ ଜଗତ ରହିଛି ସେହି ଜଗତର ମଧ୍ୟବର୍ତ୍ତୀ ମାତା । (Mediatrix Mother) ଏହି ମାତା ଜଗତରେ ତ୍ରିବିଧ ସତ୍ୟକୁ ଆଶ୍ରୟ କରି ଜଗତରେ କ୍ରିୟାଶୀଳ ହୁଅନ୍ତି । i) ପ୍ରଥମ ସତ୍ୟଟି ହେଲା ଅସତ୍ୟକୁ ପ୍ରତ୍ୟାଖ୍ୟାନ କରେ । ii) ଦ୍ୱିତୀୟ ସତ୍ୟଟି ହେଲା ଯେଉଁ ଅସତ୍ୟ ପରିବର୍ତ୍ତନ ହେବାକୁ ଚାହେଁ ନାହିଁ ତାକୁ ବିନାଶ କରିଦିଏ iii) ତୃତୀୟ ସତ୍ୟଟି ହେଲା ଯେଉଁ ଅସତ୍ୟ ପରିବର୍ତ୍ତନ ହେବାକୁ ଚାହେଁ ତାକୁ ଦିବ୍ୟସତ୍ୟରେ ରୂପାନ୍ତର କରିଦିଏ । ପୃଥିବୀରେ ଶ୍ରୀମା'ଙ୍କର କାର୍ଯ୍ୟ ହେଲା ଆମର ଆତ୍ମା ଓ ପ୍ରକୃତିକୁ ପରମଙ୍କ ବିଧାନ ଅନୁସାରେ

ଦିବ୍ୟସତ୍ୟରେ ଗଢ଼ି ତୋଳିବା, ~~ଯାହାଁ~~ ଆମକୁ ନିରନ୍ତର ଭାବରେ ପରମ ଆନନ୍ଦର ଉଚ୍ଚତମ ଉଚ୍ଚତା, ଉଦାରତମ ଲକ୍ଷ୍ୟ ଏବଂ ଏକ ବିଶାଳ ପରିସର ଆଡକୁ ଉତ୍ପ୍ରେରିତ କରିଥାନ୍ତି।

ଏହି ପୃଥିବୀରେ ଭବିଷ୍ୟତ ସେହିମାନଙ୍କର ଅଛି ଯେଉଁମାନେ ସତ୍ୟ ଓ ଅସତ୍ୟକୁ ଜାଣିପାରନ୍ତି, ଦିବ୍ୟ ଇଚ୍ଛା ଓ ନିଜ ଇଚ୍ଛାକୁ ଜାଣିପାରନ୍ତି ଶାଶ୍ୱତ ସୁଖ ଓ ପାର୍ଥିବ ସୁଖକୁ ଜାଣିପାରନ୍ତି।

ଦିବ୍ୟ ଜନନୀ ଶ୍ରୀମା' ସେ ହେଲେ ଗତିଶୀଳ ଦିବ୍ୟଶକ୍ତି (Dynamic Divine Shakti) ଦିବ୍ୟ ଜନନୀ ଶ୍ରୀମା'ଙ୍କୁ ପାଇବା ପାଇଁ ଶ୍ରୀଅରବିନ୍ଦଙ୍କ ଯୋଗ ସମନ୍ୱୟ ପୁସ୍ତକରେ 5ଟି ପ୍ରଣାଳୀ ଦିଆଯାଇଛି।

1) ପ୍ରଥମ ପ୍ରଣାଳୀଟି ହେଲା :-

i) ରାଜସିକ ମନ ii) ପ୍ରାଣିକମନ iii) ଭାବାତ୍ମକ ମନ iv) ତାମସିକ ମନ ଏମାନେ ନୀରବ ହେଲେ ଆମକୁ ଆରୋହଣ କରିବାର ସ୍ୱାଧୀନତା ପାଇ ପାରିବା ଏବଂ ଆମର ଏକ ନୀରବ ଏବଂ ନିର୍ମଳ ଅବସ୍ଥାକୁ ଉପଲବ୍ଧ କରିପାରିବା।

2) ଦ୍ୱିତୀୟ ପ୍ରଣାଳୀଟି ହେଲା :-

ବୁଦ୍ଧି ଓ ତା'ର କାର୍ଯ୍ୟକାରିତା ଶକ୍ତିକୁ ପ୍ରତ୍ୟାଖ୍ୟାନ କରିବା ତା ହେଲେ ଆମେ ଏକ ଦିବ୍ୟ ନିର୍ଦ୍ଦେଶକୁ ଶୁଣିପାରିବା ଏବଂ ଏହି 10ଟି ଶକ୍ତିକେନ୍ଦ୍ର ବିଷୟରେ ସଚେତନ ହୋଇପାରିବା ପୂର୍ଣ୍ଣଯୋଗରେ ବର୍ଣ୍ଣିତ 10ଟି ଶକ୍ତିକେନ୍ଦ୍ର ବିଷୟରେ ଚିନ୍ତନ, ମନନ ଏବଂ ନିଦିଧ୍ୟାସନ କରିବାର ସାମର୍ଥ୍ୟ ବୁଦ୍ଧି ର ରହିଛି।

ସେହି 10ଟି ଶକ୍ତି କେନ୍ଦ୍ର ଗୁଡିକ ହେଉଛି ଯଥା :-

i) ନିଶ୍ଚେତନାରେ ଥିବା ଆତ୍ମା
ii) ଅବଚେତନାରେ ଥିବା ଆତ୍ମା
iii) ଅନ୍ନମୟ ପୁରୁଷ
iv) ପ୍ରାଣମୟ ପୁରୁଷ
v) ମନୋମୟ ପୁରୁଷ
vi) ଚୈତ୍ୟ ପୁରୁଷ
vii) ଆଧ୍ୟାତ୍ମିକ ପୁରୁଷ
viii) ଜୀବ ଆତ୍ମା
ix) ବିଜ୍ଞାନ ମୟ ପୁରୁଷ
x) ଆନନ୍ଦମୟ ପୁରୁଷ

3) ତୃତୀୟ ପ୍ରଣାଳୀଟି ହେଲା ମସ୍ତିଷ୍କର ଊର୍ଦ୍ଧ୍ୱରେ :-

ଆଧ୍ୟାତ୍ମିକ ପୁରୁଷ ଯିଏକି ବିଦ୍ୟମାନ, ଆଧ୍ୟାତ୍ମିକ ପୁରୁଷ ଆରୋହଣ ହେବା ଦ୍ୱାରା ସହସ୍ରାର ପଦ୍ମ ଉନ୍ମୋଚନ ହୋଇଯାଏ ଯଦ୍ଦ୍ୱାରା ଅତିମାନସ ଶକ୍ତିର ଜଗତ ସହିତ ସମ୍ପର୍କ ପ୍ରତିଷ୍ଠିତ ହୁଏ । ଆଧ୍ୟାତ୍ମିକ ପୁରୁଷ ଊର୍ଦ୍ଧ୍ୱମୁଖୀ ହୋଇ ବିଜ୍ଞାନମୟ ପୁରୁଷ ଓ ଆନନ୍ଦମୟ ପୁରୁଷ ସହ ଏକୀଭୂତ ହୋଇଯାଏ । ଏବଂ ଏହି ଆଧ୍ୟାତ୍ମିକ ପୁରୁଷ, ଶକ୍ତି ଭାବରେ ନିମ୍ନମୁଖୀ ହୋଇ ଚୈତ୍ୟ ଆତ୍ମା, ଅନ୍ନମୟ ପୁରୁଷ ଓ ପ୍ରାଣମୟ ପୁରୁଷକୁ ଉନ୍ମୋଚନ କରେ ।

4) ଚତୁର୍ଥ ପ୍ରଣାଳୀଟି ହେଲା :-

ଚୈତ୍ୟ, ଆଧ୍ୟାତ୍ମିକ ଓ ଅତିମାନସ ପ୍ରଭାବଦ୍ୱାରା ବୁଦ୍ଧିର ସର୍ବବିଧ ବିକାଶ, ଏହାର ସାମର୍ଥ୍ୟକୁ ସମ୍ପ୍ରସାରିତ କରିବା ~~ହେଲା~~ ସମ୍ଭବ ।

5) ପଞ୍ଚମ ପ୍ରଣାଳୀଟି ହେଲା :-

ବୁଦ୍ଧିର ଊର୍ଦ୍ଧ୍ୱରେ ଏକ ଆଧ୍ୟାତ୍ମିକ ବୁଦ୍ଧି (Spiritual Inteligence) ରହିଛି । ତାହା ଆମକୁ ଦ୍ୱାର ଉନ୍ମୁକ୍ତ କରିବା ଦ୍ୱାରା ଅତିମାନସ ଜଗତ ଆଡ଼କୁ ଯାତ୍ରା କରିବା ସହଜ ହୋଇଯାଏ, ଏବଂ ଏହାର ଆଲୋକ ଆମର ଚିନ୍ତା, ଇଚ୍ଛା ଏବଂ ଭାବନାରେ ଥିବା ଅଭାବକୁ ଦୂର କରେ ଏବଂ ପୂର୍ଣ୍ଣତା ଆଡ଼କୁ ନେଇଯାଏ ।

The Mother Book ର ମହାବାକ୍ୟ ହେଉଛି ମାନୁଷୀ ପ୍ରଚେଷ୍ଟା ଯଥେଷ୍ଟ ନୁହେଁ ଏବଂ ଆଧ୍ୟାତ୍ମିକ ତପସ୍ୟା ଯଥେଷ୍ଟ ନୁହେଁ ; କେବଳ ପୂର୍ଣ୍ଣ ସମର୍ପଣ ଦ୍ୱାରା ଅତିମାନସ ଶକ୍ତି ଅବତରଣ କରେ ଏବଂ କେବଳ ଅତିମାନସ ଶକ୍ତିର ଅବତରଣ ହିଁ ମନ, ପ୍ରାଣ, ଶରୀରର ଅନ୍ଧକାରର ଆବରଣକୁ ଛିନ୍ନ କରିଦେଇ ପାରନ୍ତି ଏବଂ ସୀମିତ ଅହଂକାରକୁ ଭାଙ୍ଗି ଦେଇ ପାରନ୍ତି ଯଦ୍ଦ୍ୱାରା ଅତିମାନସ ଶକ୍ତିର ଅନୁପ୍ରବେଶ ହୋଇଯାଏ, ଯଦ୍ଦ୍ୱାରା ମନ, ପ୍ରାଣ, ଶରୀର ରୂପକ ଆଧାର ଯିଏକି ଅସତ୍ୟ, ଅଜ୍ଞାନତା, ମୃତ୍ୟୁ, ଯନ୍ତ୍ରଣାର ଆଶ୍ରୟସ୍ଥଳ ସେଠାରେ ଅତିମାନସ ଆଲୋକ, ଶ୍ରୀମା'ଙ୍କର ଅତିମାନସ ଶକ୍ତି, ଦିବ୍ୟ ଚେତନା ଏବଂ ଅମର ଆନନ୍ଦକୁ ପ୍ରବାହିତ କରେ ।

ଯେଉଁମାନେ ଅନ୍ତରପୁରୁଷ କିମ୍ବା ଏବଂ ଆଧ୍ୟାତ୍ମିକ ଆତ୍ମାର ଦ୍ୱାରକୁ ଖୋଲିଦେଇ ପାରନ୍ତି - ସେମାନଙ୍କର ଏହି ମଧ୍ୟବର୍ତ୍ତୀ ମାନଙ୍କର ସହିତ

ସମ୍ପର୍କ ସ୍ଥାପନ ହୁଏ । ସେହି ତାଙ୍କର ଚତୁର୍ବିଧାଶକ୍ତି ଦ୍ୱାରା ମନ, ପ୍ରାଣ, ଶରୀରକୁ ରୂପାନ୍ତରିତ କରିଥାନ୍ତି ଯଦ୍ୱାରା ମନ, ପ୍ରାଣ, ଶରୀର ରୂପକ ଆଧାର ଏହି ଅତିମାନସ ଶକ୍ତିକୁ ଧାରଣ କରିବାର ସାମର୍ଥ୍ୟ ଲାଭ କରନ୍ତି । ଏହି ଅତିମାନସ ଆତ୍ମା ଆମ ଜୀବନର ସାମଗ୍ରିକ ରୂପାନ୍ତରର ସାକ୍ଷୀଭୂତ ନିଅନ୍ତି ।

ଉପସଂହାର :-

ତେଣୁ The Mother Book ର ମଧ୍ୟବର୍ତ୍ତୀ ଜଗତର ଆଧ୍ୟାତ୍ମିକ ମାତାଙ୍କର ବର୍ଣ୍ଣନା । ସେଥିରୁ ତାଙ୍କର ଦର୍ଶନ, ସ୍ପର୍ଶ ଏବଂ ଆଲିଙ୍ଗନ ଏବଂ ଆମ ଅନ୍ତରାତ୍ମାର ସତ୍ତା ମଧ୍ୟରେ ତାଙ୍କ ଅନୁପ୍ରବେଶ ସମ୍ଭବ ସେତେବେଳେ ଘଟେ, ଭକ୍ତି ଜ୍ଞାନ ଯୋଗ ଦ୍ୱାରା ଆମର ଆଧ୍ୟାତ୍ମିକ ଆତ୍ମା ଏବଂ ଅନ୍ତର ପୁରୁଷଙ୍କ ଦ୍ୱାରା ଉନ୍ମୋଚିତ ହୋଇଥାଏ । ଅନ୍ତର ପୁରୁଷ ସେତେବେଳେ ଆମଭିତରେ କ୍ରିୟାଶୀଳ ହୁଅନ୍ତି, ତାହାର ଲକ୍ଷଣ ହେଲା ଯେତେ ନୈର୍ବ୍ୟକ୍ତିକ ବ୍ରହ୍ମଙ୍କୁ ଉପଲବ୍ଧ କରିବା । ଏହି ନୈର୍ବ୍ୟକ୍ତିକ ଓ ଅପ୍ରକାଶିତ ବ୍ରହ୍ମଚେତନାର ଅଧିକ ସମୟ ଅବସ୍ଥାନ ଦ୍ୱାରା ସେହି ଗତିଶୀଳ ହୋଇ ଚତୁର୍ବିଧ ଶକ୍ତି ଭାବରେ କ୍ରିୟାଶୀଳ ହୁଅନ୍ତି । ସେ ହେଉଛନ୍ତି ଆମର ଦିବ୍ୟଜନନୀ ଶ୍ରୀମା' ଓ ତାଙ୍କର କାର୍ଯ୍ୟ ହେଲା ଆମ ଜୀବନରେ ଜଡ଼ ଜଗତ ଓ ଅତିମାନସ ଜଗତ ମଧ୍ୟରେ ସୌର୍ଣ୍ଣାଭ ସେତୁ (Golden Bridge) ସ୍ଥାପନ କରିବା ।

Jay Sri Maa

victoire de la mere divine.

Sri Matriniketan Ashram,
Managed by The Mother's International Centre Trust,
Regd.No-146/24.11.97. Vill: Ramachandrapur, PO: Kukudakhandi-761100,
Via: Brahmapur, Dist: Ganjam, State: Odisha, India